www.JugashreeJuganari.Com



www.JugashreeJuganari.Com

ଯୁଗଶ୍ରୀ ଯୁଗନାରୀ



ମମତା ମହାପାତ୍ର

ସଂପାଦକୀୟ

# ଓଡ଼ିଆ ଆଧୁନିକ କବି ଓ କବିତା

ଜୀବନ ଯଦି ସତ୍ୟ ତେବେ ଜୀବନର ମାନଚିତ୍ରକୁ ଅଙ୍କନ କରୁଥିବା କବିତା ହିଁ ସତ୍ୟ-ଶିବ-ସୁନ୍ଦର। ତେଣୁ କବିତାର ଏକ ନିରବଚ୍ଛିନ୍ନ ଧାରା ଯୁଗଯୁଗ ଧରି ପ୍ରବାହିତ ହୋଇଆସିଛି। କବିତାର ବହୁ ଧ୍ୱନି, ବହୁ ରଙ୍ଗ ଭିନ୍ନଭିନ୍ନ କବିଙ୍କର ଲେଖନୀ ସାହାଯ୍ୟରେ ପ୍ରତିଧ୍ୱନିତ ଓ ପ୍ରତିବିମ୍ବିତ ହୋଇଉଠିଛି। ଆଦିଯୁଗ, ସାରଳାଯୁଗ, ପଞ୍ଚସଖା ଯୁଗ ଏବଂ ପରେ ପରେ ରୀତିଯୁଗର ଶୃଙ୍ଗାର ରସରେ ନିମଜ୍ଜିତ ପାଠକଗୋଷ୍ଠୀ ଏହିଭଳି ସାହିତ୍ୟପ୍ରତି କ୍ରମେକ୍ରମେ ବୀତସ୍ପୃହ ହୋଇପଡ଼ିଲା। ଯାହାଫଳରେ ପାରମ୍ପରିକ ନିଗଡ଼ରୁ ସେ ନିଜକୁ ମୁକ୍ତ କରି ନୂତନର ସନ୍ଧାନରେ ଲାଗିପଡ଼ିଲା। ତେଣୁ ଏକ ଯୁଗୀୟ ଚିନ୍ତାର ସ୍ଥାଣୁତ୍ୱ ବିରୋଧରେ ସ୍ୱର ଉତ୍ତୋଳନ ହେଉଛି ନୂତନ ଯୁଗସୃଷ୍ଟିର ଆଦ୍ୟ ବିକାଶ ପର୍ଯ୍ୟାୟ।

୧୮୦୩ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଇଂରେଜମାନଙ୍କ ଅଧିନସ୍ଥ ହେବା ପରଠାରୁ ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତା ସମ୍ପର୍କରେ ଆସି ବ୍ୟକ୍ତିମାନସର ଋଚିରେ ଯେଉଁ ପରିବର୍ତ୍ତନ ଆସିଲା ତାହାର ପ୍ରଭାବରେ କବିବର ରାଧାନାଥ ରାୟଙ୍କ ନେତୃତ୍ୱରେ ଓଡ଼ିଆ ସାହିତ୍ୟ ମଧ ପ୍ରାଚୀନତାର ଗତାନୁଗତିକ ନିର୍ମୋକକୁ ପରିହାର କରି ଆଧୁନିକତାକୁ ବରଣ କଲା। ଅର୍ଥାତ୍, ଓଡ଼ିଆ ସାହିତ୍ୟର ଆଙ୍ଗିକ ଓ ଆତ୍ମିକର ରୂପସମ୍ଭାରରେ ଆଧୁନିକତାର ଅଭ୍ୟୁଦୟ ଘଟିଲା। ଏହି ସମୟଠାରୁ ଓଡ଼ିଆ କାବ୍ୟ ଜଗତରେ ଆଧୁନିକତା ସମୟର ସ୍ରୋତରେ ପର୍ଯ୍ୟାୟକ୍ରମେ ସତ୍ୟବାଦୀ, ସବୁଜଯୁଗ, ପ୍ରଗତିବାଦୀ ଓ ଅତ୍ୟାଧୁନିକ ଯୁଗ ମଧ୍ୟରେ ବହୁ ପ୍ରଥିତଯଶା କବିମାନଙ୍କ ସୃଷ୍ଟିଦ୍ୱାରା ରୂପାୟିତ। ୧୮୮୦ ମସିହା ଠାରୁ ୧୯୨୦ ମସିହା ମଧ୍ୟରେ କବିତାର ଅନ୍ତଃସ୍ୱର ଅର୍ଥାତ୍ ବିଷୟବସ୍ତୁ ଓ ଛନ୍ଦ ପ୍ରୟୋଗରେ ଯେଉଁ ନୂତନତ୍ୱ ଆସିଛି ତାହା ରାଧାନାଥ ରାୟଙ୍କ ପାଖରୁ ନନ୍ଦକିଶୋର ବଳଙ୍କ ପର୍ଯ୍ୟନ୍ତ କବିମାନଙ୍କ କାବ୍ୟକବିତାରେ ଦେଖିବାକୁ ମିଳେ। ତେଣୁ ଓଡ଼ିଆ କାବ୍ୟକବିତା ଜଗତରେ ଆଧୁନିକତାର ପୁରୋଧା ଭାବରେ ବରେଣ୍ୟ କବି କବିବର ରାଧାନାଥ ରାୟ, ବ୍ୟାସକବି ଫକୀରମୋହନ ସେନାପତି, ସ୍ୱଭାବକବି ଗଙ୍ଗାଧର ମେହେର, ଭକ୍ତକବି ମଧୁସୂଦନ ରାଓ ଓ ପଲ୍ଲୀକବି ନନ୍ଦକିଶୋର ବଳ ଏ ଜାତିର ନମସ୍ୟ।

ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ ପୁରୋଧା, ବହୁ ଭାଷାରେ ଅଗାଧ ପାଣ୍ଡିତ୍ୟର ଅଧିକାରୀ କବିବର ରାଧାନାଥ ରାୟ ଓଡ଼ିଆ ସାହିତ୍ୟର ଆଧୁନିକ ବା ନବଯୁଗର ପ୍ରବର୍ତ୍ତକ ଭାବେ ନିଜର ପଦଚିହ୍ନ ଛାଡ଼ିଯାଇଛନ୍ତି। ଆଙ୍ଗିକରେ ପ୍ରାଚୀନ ଓ ନବୀନର ସମନ୍ୱୟ ରକ୍ଷା କରିବା ସହିତ ଆତ୍ମିକରେ ଆମର ସାମାଜିକ ଚେତନା ଓ ପାଶ୍ଚାତ୍ୟ ବିଭବର ମିଶ୍ରଣ ତାଙ୍କର କାବ୍ୟକବିତାକୁ ଅଧିକ ଶାଣିତ କରିଛି। କେଦାରଗୌରୀ, ନନ୍ଦିକେଶ୍ୱରୀ, ଚିଲିକା ପ୍ରଭୃତି କାବ୍ୟ ଛନ୍ଦୋବଦ୍ଧ ଶୈଳୀରେ ଲେଖାଯାଇଥିଲେ ମଧ୍ୟ 'ମହାଯାତ୍ରା' କାବ୍ୟରେ ଅମିତ୍ରାକ୍ଷର ଛନ୍ଦର ପ୍ରୟୋଗ ଓଡ଼ିଆ କାବ୍ୟ ଜଗତରେ ଏକ ନୂତନ ତୂର୍ଯ୍ୟନାଦ।

"ପଙ୍କଜବାସିନି ଦେବି, ଉତ୍କଳଭାରତି
ସାରଳେ, କି କଲେ, କହ, କୁରୁଚୂଡ଼ାମଣି।
ଶୁଣିଲେ ଯେକାଳେ ବୀର ବାରୀବନ୍ଧ ମୁଖୁ
ପ୍ରଭାସେ ଯାଦବଙ୍କର ଜ୍ଞାତି-କ୍ଷୟକାରୀ।"

କବିବରଙ୍କ ପ୍ରତିଭାର ସ୍ପର୍ଶରେ ଓ ପାଣ୍ଡିତ୍ୟର ବିପୁଳତାରେ ତାଙ୍କର ପ୍ରତ୍ୟେକ ସୃଜନକଳା ଓଡ଼ିଆ ସାହିତ୍ୟରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିପାରିଛି।

ଏହି ପରିବର୍ତ୍ତନର ଧାରାରେ ସଂଯୁକ୍ତ ବ୍ୟାସକବି ଫକୀରମୋହନ ସେନାପତି କଥାସମ୍ରାଟ ଭାବରେ ନିଜର ପରିଚୟ ସୃଷ୍ଟି କରିଥିଲେ ହେଁ କ୍ଷୁଦ୍ର ବୃହତ ବହୁ କବିତା ରଚନା କରିଯାଇଛନ୍ତି। ତତ୍କାଳୀନ ସମାଜର ଚିତ୍ର ତଥା ସତ୍ୟର ଉଦ୍‌ଘୋଷଣା କରି 'ମୁଁ ହାଟ ବାହୁଡ଼ା' କବିତାରେ ସେ କହିଛନ୍ତି:

"ଦେଖିଲି ସଂସାରେ ବସିଛି ହାଟ
ଲୋକ ଗହଳିରେ ନମିଳେ ବାଟ।
ଦୋକାନ ପସରା ଧାଡ଼ିକି ଧାଡ଼ି
ବାଟ ଦୁଇପାଖ ବସିଛି ମାଡ଼ି
ଭୁଲାଇବା ପାଇଁ ଗହକି ମନ
ହାଟୁଆଙ୍କ ଦେଖ କେତେ ଯତନ।"

ଫକୀରମୋହନଙ୍କ ସୃଜନ ମାନସର ଏକ ଜାଜ୍ଜ୍ୱଲ୍ୟ ସୃଷ୍ଟି ହେଉଛି 'ବୌଦ୍ଧାବତାର' କାବ୍ୟ। ଏହା ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ସୃଷ୍ଟି। ଏହି ଗ୍ରନ୍ଥ ସମ୍ପର୍କରେ ଫକୀରମୋହନ ଲେଖିଛନ୍ତି - "ଏହି ପୁସ୍ତକ ଖଣ୍ଡିକ ବୌଦ୍ଧଧର୍ମ ସମ୍ପର୍କୀୟ ଗ୍ରନ୍ଥ ନୁହେଁ।" ତେବେ ଏଠାରେ ଉଲ୍ଲେଖ କରାଯାଇପାରେ ଯେ ବୁଦ୍ଧଦେବଙ୍କ ଜୀବନଚରିତକୁ ଉପଜୀବ୍ୟ କରି ଓଡ଼ିଆ ସାହିତ୍ୟରେ କାବ୍ୟରଚନା କ୍ଷେତ୍ରରେ ଫକୀରମୋହନ ସର୍ବାଗ୍ରେ ସ୍ମରଣୀୟ। ତାଙ୍କର 'ପୁଷ୍ପମାଳା' କବିତା ସଙ୍କଳନରେ ୫୫ଟି କବିତା ସ୍ଥାନିତ ହୋଇଥିବାବେଳେ 'ଅବସରବାସରେ' ସାତଗୋଟି ଅଧ୍ୟାୟରେ ୧୯ଟି କବିତା ସ୍ଥାନିତ।

ଓଡ଼ିଆ ଭାଷା ସାହିତ୍ୟ ସୁରକ୍ଷାର ଅନ୍ୟତମ ବିଦ୍ଧାଣୀ ଭକ୍ତକବି ମଧୁସୂଦନ ରାଓ ସତ୍ୟ-ଶିବ-ସୁନ୍ଦରର ଉପାସକ। ଭକ୍ତିଭାବ ଓ ଈଶ୍ୱରଙ୍କ ସତ୍ତାକୁ ନିଜ କାବ୍ୟ କବିତାରେ ପ୍ରକାଶ କରିବାର ଅସାଧାରଣ ସାମର୍ଥ୍ୟ ପାଇଁ ସେ ଓଡ଼ିଆ ସାହିତ୍ୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ପିଲାଙ୍କ ପାଇଁ ରଚିତ 'ବର୍ଣ୍ଣବୋଧ'ର ଶବ୍ଦ ସଂଯୋଜନା ଓଡ଼ିଆ ଭାଷାର ଲିଖନ, କଥନ ଓ ଉଚ୍ଚାରଣ କ୍ଷେତ୍ରରେ ଏକ ଅଭିନବ ଦିଗ୍‌ଦର୍ଶନ, ଓଡ଼ିଆ ଶବ୍ଦ ଭଣ୍ଡାରର ମୂଳକୋଷ। କୌଣସି ଯୁକ୍ତାକ୍ଷରର ବ୍ୟବହାର ନକରି ସେ ଲେଖିଛନ୍ତି -

"ଜଟକ ନଗର ଧବଳ ତରର ଜଳ ବରଷଇ ଶରତ ବଗର।"

ମାତୃଭାଷାର ପ୍ରତିଷ୍ଠା ଓ ବିକାଶ କ୍ଷେତ୍ରରେ ମଧୁସୂଦନ ରାଓଙ୍କ ଅବଦାନ ଚିରସ୍ମରଣୀୟ।

ପ୍ରକୃତି କବି ଗଙ୍ଗାଧର ମେହେର ତାଙ୍କର କାବ୍ୟ କବିତା ମାଧ୍ୟମରେ ପ୍ରକୃତି ମଧ୍ୟରେ ମନୁଷ୍ୟର ଅନ୍ତର୍ନିହିତ ସତ୍ତାର ପରିପ୍ରକାଶ କରିଛନ୍ତି। ସେ ପ୍ରକୃତିକୁ ମାନବାୟିତ କରିଦେଇଛନ୍ତି। ଏହି ଦୃଷ୍ଟିରୁ ଗଙ୍ଗାଧରଙ୍କ 'ତପସ୍ୱିନୀ' କାବ୍ୟର ଚତୁର୍ଥସର୍ଗ ଏକ ଅନବଦ୍ୟ ସୃଷ୍ଟି। ମୌଳିକ ମହାକାବ୍ୟ ରାମାୟଣର ଉତ୍ତର ରାମଚରିତର କଥାବସ୍ତୁକୁ ଆଧାର କରି ଏହା ରଚିତ। ପ୍ରକୃତିର ମହନୀୟତା ତଥା ଜୀବନ୍ତ ଆଲେଖ୍ୟ ପ୍ରତିଭାତ ହୋଇଛି କାବ୍ୟଟିରେ। ଚୋଖି ଭାଗରେ କବି ଗଙ୍ଗାଧର ଉଷା ଆଗମନୀକୁ ବର୍ଣ୍ଣନା କରିଛନ୍ତି -

"ମଙ୍ଗଳେ ଅଇଲା ଉଷା ବିକଚ ରାଜୀବ ତୃଷା
ଜାନକୀ ଦର୍ଶନ ତୃଷା ହୃଦୟେ ବହି
କର-ପଲ୍ଲବେ ନୀହାର- ମୁକ୍ତା ଧରି ଉପହାର
ସତୀଙ୍କ ବାସ- ବାହାର - ପ୍ରାଙ୍ଗଣେ ରହି
କଳକଣ୍ଠ କଣ୍ଠେ କହିଲା,
"ଦରଶନ ଦିଅ ସତୀ! ରାତି ପାହିଲା।"

ପ୍ରକୃତି ମଧ୍ୟରେ ମାନବୀୟ ସତ୍ତାର ଉପଲବ୍ଧି ଓ ରଚନାରେ ମୌଳିକତା ଗଙ୍ଗାଧର ମେହେରଙ୍କୁ ପ୍ରକୃତି କବି ବା ସ୍ୱଭାବ କବିର ପରିଚୟ ଦେଇପାରିଛି।

ମହାନ୍ ଶିକ୍ଷକ ନନ୍ଦକିଶୋର ବଳ ଓଡ଼ିଆ ସାହିତ୍ୟର ସର୍ବଜନବିଦିତ କବି। ପଲ୍ଲୀଜୀବନ ଓ ପଲ୍ଲୀପ୍ରକୃତିର ବିଭବକୁ ରୂପାୟନ କରିବାରେ ସେ ସିଦ୍ଧହସ୍ତ। ନିର୍ଝରିଣୀ, ଶର୍ମିଷ୍ଠା, ତରଙ୍ଗିଣୀ, ଚାରୁଚିତ୍ର, ନିର୍ମାଲ୍ୟ ପ୍ରଭୃତି କବିଙ୍କର କାବ୍ୟିକ ଗନ୍ତାଘରର ଗୋଟିଏ ଗୋଟିଏ ଅନବଦ୍ୟ ସୃଷ୍ଟି। ଏସବୁ କାବ୍ୟଗୁଡ଼ିକରେ ପଲ୍ଲୀଚିତ୍ର, ସାମାଜିକ ଚଳଣି ଓ ପରମ୍ପରାର ଚିତ୍ର ତଥା ଆଧାତ୍ମିକତା ଭାବ ବେଶ୍ ମାର୍ମିକ ଭାବରେ ପରିସ୍ଫୁଟ। ସରଳ ଓ ସାବଲୀଳ ଭାଷା ଏବଂ ଲଳିତ କୋମଳ ବର୍ଣ୍ଣନା କବିପ୍ରାଣର ବହୁମୁଖୀ ପ୍ରତିଭାର ସ୍ୱାକ୍ଷର ବହନ କରିଅଛି। ପଲ୍ଲୀର ଦୃଶ୍ୟ କବିଙ୍କ ଲେଖନୀରେ ଏପରି ଜୀବନ୍ତ ହୋଇଉଠିଛି ଯେ ପାଠକ ସେଥିରୁ ଏକ ସ୍ୱଚ୍ଛ ପଲ୍ଲୀଜୀବନର ଦୃଶ୍ୟକୁ ପ୍ରତ୍ୟକ୍ଷ ଭାବେ ଅନୁଭବ କରେ। ଯେପରି :-

"ହୁଟୁରୁ ହୁଟୁରୁ ମେଘ ବରଷିଲା କେଉଁଠୁ ମାଇଲା ଗଜା
କେଉଁ ରାଇଜରେ ରହିଲେ ମୋ ରଜା
ଚେଲିଙ୍ଗି ବାଇଦ ବଜା।"

ଓଡ଼ିଆ କାବ୍ୟ ସାହିତ୍ୟରେ ନବଜାଗରଣର ଏହି ବିଦ୍ଧାଣୀମାନେ ସ୍ୱକୀୟ ପ୍ରତିଭାରେ ଉଦ୍‌ଭାସିତ ହୋଇ ଓଡ଼ିଆ ସୃଷ୍ଟି ସମ୍ଭାରକୁ ଋଦ୍ଧିମନ୍ତ କରି କେବଳ ଅମର ହୋଇଯାଇନାହାନ୍ତି, ଅପରନ୍ତୁ ଉତ୍ତର ପିଢ଼ିଙ୍କ ପାଇଁ ଖୋଲିଯାଇଛନ୍ତି ଏକ ନୂତନ ସୋପାନ। ସେମାନେ ଓଡ଼ିଆ ଜାତିର ଚିର ନମସ୍ୟ।

ଆସିଛି ବାରମାସର ଆଦ୍ୟ ମାସ ବୈଶାଖ, ଓଡ଼ିଆଙ୍କର ନୂଆବରଷ। ଆମର ସମସ୍ତ ପାଠକ-ପାଠିକାଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ସହ କରୋନା ମହାମାରୀର ପ୍ରାଦୁର୍ଭାବରୁ କିଛି ମାତ୍ରାରେ ଆଶ୍ୱସ୍ତ ଲାଭ କରିଥିବା ବିଶ୍ୱବାସୀଙ୍କ ଆଗାମୀ ଜୀବନ ଆନନ୍ଦମୟ ହେଉ - ଏହାହିଁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ମମତା ମହାପାତ୍ର

www.JugashreeJuganari.Com





ପ୍ରତିଷ୍ଠାତା-ସମ୍ପାଦିକା
ଡାକ୍ତର ରାଧା ଦେବୀ
(୧୯୩୦ - ୨୦୦୮)


# ଯୁଗଶ୍ରୀ ଯୁଗନାରୀ

ମାସିକ ମହିଳା ମୁଖପତ୍ର

ପ୍ରକାଶନ: ୧୯୯୪ • ଭାଗ: ୨୯ • ସଂଖ୍ୟା: ୪

ଏପ୍ରିଲ୍-୨୦୨୨

ପ୍ରକାଶିକା ଓ ସଂପାଦିକା
ମମତା ମହାପାତ୍ର
ମୁଖ୍ୟ ଉପଦେଷ୍ଟା : ଶାଶ୍ୱତୀ ବଳ
ଉପଦେଷ୍ଟା : ବୀଣାପାଣି ମହାନ୍ତି
ଶକୁନ୍ତଳା ବଳିଆରସିଂହ, କୁନ୍ତଳା କୁମାରୀ ଆଚାର୍ଯ୍ୟ,
ବିଜୟିନୀ ସିଂହଦେଓ, ଡ. ସଂଘମିତ୍ରା ମିଶ୍ର
ଗୀତାଞ୍ଜଳି ସିଂହ, ଡ. ମୀନାକ୍ଷୀ ପଣ୍ଡା
ସହ-ସଂପାଦିକା : ଡ. ପ୍ରଭାବତୀ ପଣ୍ଡା
କଳା ପରାମର୍ଶଦାତା : ଅଶୋକ ମହାନ୍ତି (ପକ୍ଷିମା)
ଅଳଙ୍କରଣ : କେଶୁ ଦାସ ପ୍ରଚ୍ଛଦ ଶିଳ୍ପୀ : ବିଶ୍ୱଜିତ୍ ପ୍ରମାଣିକ
ଭ୍ରମ ସଂଶୋଧକ : ଡା. ଅଭିମନ୍ୟୁ କାନୁନ୍‌ଗୋ
ଅକ୍ଷରସଜ୍ଜା : ଚନ୍ଦ୍ରଶେଖର ପାତ୍ର, କମଳାକାନ୍ତ ଦାଶ

**JUGASHREE JUGANARI**

Monthly Women Magazine
Vol. 29 • No-4 • April-2022

Printed, Published & Owned by
**Mamata Mohapatra**
Print : Raghunath Press,
Vivekananda Marg, Srikanthapur, Balasore-756001



email : juganari@rediffmail.com
jugashreejuganari2014@gmail.com
website :www.jugashreejuganari.com
Mob : 9437067308
**Editor : Mamata Mohapatra**

ଯୋଗାଯୋଗ

ସଂପାଦିକା, ଯୁଗଶ୍ରୀ ଯୁଗନାରୀ
ନେଳିଆବାଗ, ଶ୍ରୀକଣ୍ଠପୁର
ବାଲେଶ୍ୱର-୭୫୬୦୦୧
ଫୋନ: ୦୬୭୮୨-୨୯୫୫୫୫


## ସୂଚୀପତ୍ର


**ଋଗ୍‌ବେଦ ସୌରଭ**
ଇଂ. ପ୍ରିୟବ୍ରତ ଦାସ : ୬

**ସାକ୍ଷାତକାର**
ପରିବେଶବିତ୍ - ସାବରମତୀ (ପଦ୍ମଶ୍ରୀ)
ଉପସ୍ଥାପିକା - ଗୀତାଞ୍ଜଳି ସିଂହ : ୭

**ମହିୟସୀ ମହିଳା**
ବିପ୍ଳବିନୀ ନାରୀ : ସରଳା ଦେବୀ :
ଡ. ଚିନ୍ମୟୀ ବେହେରା :୧୧

**ଦିବ୍ୟଚେତ : ମନୋଜ**
କୃପାଣ : ମନୋଜ ଦାସ : ୧୪

**ଯଶସ୍ୱିନୀ ମନୋରମା**
ଶଙ୍ଖ ଚିଲ: ମନୋରମା ମହାପାତ୍ର : ୧୬

**ପ୍ରବନ୍ଧ**
ଗୁରୁ ଶିଷ୍ୟ ସମ୍ବାଦ :
ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ (ପଦ୍ମଶ୍ରୀ) : ୧୭
କାହିଁକି ସୀତା : ଡ. ପ୍ରଫୁଲ୍ଲ କୁମାର ମହାନ୍ତି : ୧୯
ଗୀତ ବୋଲିଲୁ ଝିଅ : ଡ. ସଂଘମିତ୍ରା ମିଶ୍ର : ୨୧
ପ୍ରଚଣ୍ଡ ପ୍ରତିଭା ଓ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ -
କବି ରମାକାନ୍ତ ରଥ : ଡ. ପ୍ରଭାବତୀ ପଣ୍ଡା : ୨୩
ଓଡ଼ିଆ ଉପନ୍ୟାସରେ ଆଦିବାସୀ ଲଳନାର ଅନାବିଳ
ପ୍ରେମ : ଡ. ରମେଶ ଚନ୍ଦ୍ର ଦାସ : ୨୫
ଇତିହାସରେ ପ୍ରଥମ ଗଣ- ପର୍ଯ୍ୟାୟ ଚିତ୍ରଶିଳ୍ପୀ ଜଗତ୍
ସିଂ ଶ୍ୟାମ : ଅଶୋକ କୁମାର ମହାନ୍ତି : ୨୮
ବାମାବାଦୀ ଚିନ୍ତାଧାରାର ପ୍ରଭାବୀ ଦିଗ :
ଶୁଭଦର୍ଶିନୀ ପରିଡ଼ା : ୩୨
କଥାଶିଳ୍ପୀ ପାରମିତା ଶତପଥୀଙ୍କ କଥାସାହିତ୍ୟରେ
ଜୀବନ ପ୍ରତି ଅନନ୍ୟ ଅନୁଭବ : ପ୍ରଗତୀ ଜେନା : ୩୫
ଗାଳ୍ପିକ ହୃଷୀକେଶ ପଣ୍ଡାଙ୍କ ଗଳ୍ପରେ ନିଃସଙ୍ଗତାବୋଧ :
ଜାହ୍ନବୀ ସାହୁ : ୩୮

**ଗଳ୍ପ**
ଦୂର ପର୍ବତ : ବୀଣାପାଣି ମହାନ୍ତି : ୪୧
ରାଗ ଆଶାବରୀ : ଅର୍ଚ୍ଚନା ନାୟକ : ୪୬
ଲୁଚୁପାଲି : ପୁଷ୍ପାଞ୍ଜଳି ନାୟକ : ୫୨
ନୂଆ ବୃନ୍ଦାବନ : କବିତା ବାରିକ : ୫୫
ଝଡ଼ ପରର ଆକାଶ : ରୁମ୍‌ଝୁମ୍ ନାୟକ : ୫୯
ମଙ୍ଗଳର ସ୍ୱର : କାର୍ତ୍ତିକ ସ୍ୱାଇଁ : ୬୩
ଖୁସି ଓଡ଼ିଶା : ଉଦୟ ନାରାୟଣ ଦାସ : ୬୭
ଅଧିକାର : ପାରମିତା ଷଡ଼ଙ୍ଗୀ : ୬୯
ଯୁଗ ପୁରୁଷ : ଗୀତାଞ୍ଜଳି ପଟ୍ଟନାୟକ : ୭୨
କପେ ଚା' : ସ୍ନିଗ୍ଧା ନାୟକ : ୭୪

**ଅନୁବାଦ ଗଳ୍ପ**
ଈର୍ଷାର ପରିଣତି : ମୂ: ମହମ୍ମଦ ମୋଲ୍‌ସେହୋଲ
ଅ. - ଶକୁନ୍ତଳା ବଳିଆରସିଂହ : ୭୬
ଅମୂଲ୍ୟ ଉପହାର : ମୂ:-ରବୀନ୍ଦ୍ରନାଥ ଟାଗୋର:
ଅ.-ଅନୁରୂପା ସିଂ:୮୧
ସେଇ ଝିଅଟି : ମୂ : ଏମ୍. ଇଲିୟାସ : ଅ: ଭାଗିରଥୀ
ବେହେରା : ୮୪

**କବିତା**
ଆଜି : ରମାକାନ୍ତ ରଥ : ୮୮
ଜୀବନ...ଛକାଘଂଟାରେ:ଡଃ. ମନୋରମା ବି. ମହାପାତ୍ର : ୮୮
ବୈଶାଖକୁ ଦୁଇ ଡାକ ଡାହାଣୀ : ବିମଳ ଜେନା : ୮୮
ବିଭୋର ଏପ୍ରିଲ୍ : ପୀତାମ୍ବର ତରାଇ : ୮୯
ଅଫୁଟା ଫୁଲର ବାସ୍ନା : ସୌଭାଗ୍ୟବନ୍ତ ମହାରଣା : ୮୯
କାବ୍ୟସ୍ନାନ : ଡାଃ ସରୋଜିନୀ ଷଡଙ୍ଗୀ : ୮୯
ଭଙ୍ଗା କାଠର ପାୟା : ହରିଶ୍ଚନ୍ଦ୍ର ବେହେରା : ୯୦
ସଂସାର କହିଲେ ମତେ : ଜୟନ୍ତିକା : ୯୦
କାଳର କେନ୍ଦରା : ନିରାକାର ଦାସ : ୯୧
ଦାରଣ ବଢ଼େଇ : ପିନାକୀ ମିଶ୍ର : ୯୧
ଲୁହ ମୁହଁ ସିନା : ହଂସନାଥ ମୁଦୁଲି : ୯୨
ମାଲ୍ୟାଣୀର ଗୀତି : ଦୀପ୍ତି ଦାସ : ୯୨
ପରମ ପୁରୁଷ : ନାରାୟଣ ପଣ୍ଡା : ୯୩
ଝର୍କା କଡ଼ର ଚମ୍ପା : ରକ୍ଷକ ନାୟକ : ୯୩
କବି, କବିତା ଲେଖ୍ ନା : ଗଜାନନ ମିଶ୍ର : ୯୪
ହୃଦୟ ଗୋପପୁର :
ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ : ୯୪
କେବେ ଭାଙ୍ଗ କେବେ ଗଢ଼ :
ଉମାକାନ୍ତ ନାୟକ : ୯୪
ଚିପଚିହ୍ନ : ସଚ୍ଚିଦାନନ୍ଦ ମିଶ୍ର : ୯୫
ପ୍ରୀତିର ପିୟୁଷ : ଜ୍ୟୋତ୍ସ୍ନା ସାମନ୍ତରାୟ : ୯୫
ଚିତ୍ରଲିପି : ବିଜୟଲକ୍ଷ୍ମୀ ସାହୁ : ୯୫
ରାସ୍ତା : ଶରତ କୁମାର ଦାସ : ୯୬
ବିଷାଦ ଯୋଗ : ପ୍ରଭାକର ମହାପାତ୍ର : ୯୬

**ନାଟକ**
ହଜି ଯାଇଥିବା ଈଶ୍ୱର : ଡ. କିଶୋର ମହାନ୍ତି : ୯୭

**ସ୍ମୃତିର ସୁରଭି**
ସ୍ମୃତି ଅପାସୋରା: ଗାଳ୍ପିକା ବୀଣାପାଣି ମହାନ୍ତି (ପଦ୍ମଶ୍ରୀ):
ଲକ୍ଷ୍ମୀପ୍ରିୟା ଓଝା : ୧୧୪

**ଶିଶୁ ଗଳ୍ପ**
ସରଗରାଜା ଖୁସି ବାଣ୍ଟିଲେ : କାଳିକିଙ୍କର : ୧୧୭

**ସୁବର୍ଣ୍ଣ ସେତୁ**
ଅନୁଭୂତିରେ 'ମୋ ଶାଶୂ' ଏକ ଅଧ୍ୟାୟ :
ବିନୋଦିନୀ ଶତପଥୀ : ୧୧୯

**ସ୍ୱାସ୍ଥ୍ୟ**
ବୟସ କମାଇ ଦିଅନ୍ତୁ ହୃତ୍‌ପିଣ୍ଡର :
ପ୍ରଫେସର ଡ଼ଃ ରମାରମଣ ଷଡ଼ଙ୍ଗୀ : ୧୨୨

**ରୋଷେଇ**
ଗୀତାଞ୍ଜଳି ସିଂହ : ୧୨୫

**ରାଶିଫଳ**
କୃତ୍ତିବାସ ଆଚାର୍ଯ୍ୟ : ୧୩୦

**ଏଥିସହିତ ....**
ଡଗପଦରା, ପର୍ଯ୍ୟଟନ, ଆତ୍ମନିଯୁକ୍ତି, ସୌନ୍ଦର୍ଯ୍ୟ, କୁଇଜ୍, ବାସ୍ତୁ, ହସ, କୃଷି, ଗୃହିଣୀମାନଙ୍କ ଜାଣିବାପାଇଁ, ସିନେମା ଓ ସାଂପ୍ରତିକ ଖବର

www.JugashreeJuganari.Com

# ଚିଠିପତ୍ର



## ଯୁଗଶ୍ରୀ ଯୁଗନାରୀ

ସମ୍ମାନନୀୟା ମା' ମମତା,

ମୋର ଶୁଭାଶିଷ ନେବ। ଇଂରାଜୀ ନବବର୍ଷଟି ସବୁ ଦିଗରୁ ଏକ ସ୍ମରଣୀୟ ପ୍ରଗତିମୟ ବର୍ଷ ହେଉ। ଜାନୁଆରୀ ସଂଖ୍ୟାଟି ପାଇଥିବାରୁ ପ୍ରଥମେ ଧନ୍ୟବାଦ ଜଣାଉଛି। ମା', ସମ୍ପାଦକୀୟରେ 'ସାରଳା ସାହିତ୍ୟରେ କୃଷି ଓ କୃଷକ' ଲେଖାଟି ମୋ ମନରେ ଗଭୀର ରେଖାପାତ କରିଛି। ଥରେ ନୁହେଁ, ଲାଗ ଲାଗ ଦୁଇଥର ପଢ଼ିଲି। ଯେତେ ପ୍ରଶଂସା କଲେ ମୁଁ ଭାବୁଛି କମ୍ ହେବ। ଏହିପରି ଲେଖନୀ ଆହୁରି ସମୃଦ୍ଧ ହେଉ ଓ ପାଠକର ମନ ଜିଣୁ। ଏହିପରି ଏକ ପାରିବାରିକ ପତ୍ରିକାର ଶ୍ରୀ ବୃଦ୍ଧି କରିବା ସାଥେସାଥେ ଏକ ଉଚ୍ଚମାନର ପତ୍ରିକା ରୂପେ ପ୍ରତିଷ୍ଠିତ କରାଇବାରେ ଉଦ୍ୟମ ପ୍ରଶଂସନୀୟ। ପତ୍ରିକାଟିର ବହୁଳ ପ୍ରସାର ଓ ସର୍ବକୁଶଳ କାମନା କରି ରହୁଛି।

**ହୃଦୟରୁ ଦି'ପଦ**

ସ୍ନେହ-ମମତାରେ ଭରା ହୃଦୟ ଯାହାର<br>
ଆଦରର ସଂପାଦିକା 'ଯୁଗଶ୍ରୀ ଯୁଗନାରୀ'ର ।୧।<br>
ମହିୟସୀ ମହିଳା ସେ ଜ୍ଞାନର ଭଣ୍ଡାର<br>
ଅମାୟିକ ବ୍ୟବହାରେ ସଭିଏଁ ନିଜର ।୨।<br>
ହସହସ ମୁଖ ତାଙ୍କ ପ୍ରୀତି ମନଲୋଭା<br>
ବହୁଗୁଣେ ଗୁଣି ଭରି ରହିଛି ପ୍ରତିଭା ।୩।<br>
ଉନ୍ନତ, ମହାନ ବୋଲି ଜଣାଇବା ପାଇଁ<br>
ସାହିତ୍ୟସେବା କରନ୍ତିନି ପ୍ରଶଂସାର ପାଇଁ ।୪।<br>
ନବବରଷରେ ଅଳି କାଳିଆର ପାଶ<br>
ଭରିଦିଅ ସୁଖଶାନ୍ତି, ଆୟୁଷ, ପୀୟୁଷ ।୫।

ବିଜୟ ଦାଶ<br>
ରୟାଲ ଗାର୍ଡ଼ନ୍, ପଟିଆ, ଭୁବନେଶ୍ୱର- ୩୧<br>
ମୋ: ୭୯୭୮୫୨୨୫୮୪

ନମସ୍ତେ ଅପା,

ଅଫିସରୁ ଫେରି 'ଯୁଗଶ୍ରୀ ଯୁଗନାରୀ' ପତ୍ରିକା ପାଇ ଅତ୍ୟନ୍ତ ଖୁସି ହେଲି। ମୋ ଲେଖାଟି ଏଭଳି ଏକ ଅଗ୍ରଣୀ ପତ୍ରିକାରେ ସ୍ଥାନ ପାଇଥିବାରୁ ଆପଣଙ୍କୁ ସାଧୁବାଦ ଜଣାଉଛି। ଆଗକୁ ଏମିତି ଲେଖାଗୁଡ଼ିକ ପ୍ରକାଶ କରି ଉତ୍ସାହିତ କରିବା ହେବେ ବୋଲି ମୋର ବିଶ୍ୱାସ ରହିଛି। ବିଶେଷ କରି ମୋ ଶାଶୂ ଓ ମୋ ପରିବାରକୁ ଆପଣ ଉଦ୍‌ବୁଦ୍ଧ କରିଦେଇଛନ୍ତି। ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି ଆମର ଏହି ପତ୍ରିକାଟି ବିଶ୍ୱ ବିଜୟିନୀ ହେଉ।

ଇତି<br>
ଆପଣଙ୍କ ବିନୀତା<br>
ବୀଣାପାଣି ଚୌଧୁରୀ<br>
ଭୁବନେଶ୍ୱର

ସମ୍ମାନନୀୟା ସମ୍ପାଦିକା,

ସୁଦୂର ସମ୍ବଲପୁର ସହରରୁ ମୋର ନମସ୍କାର ଓ ଶୁଭେଚ୍ଛା ଗ୍ରହଣ କରନ୍ତୁ। ମାସିକ ମହିଳା ପତ୍ରିକା 'ଯୁଗଶ୍ରୀ ଯୁଗନାରୀ' ସଂଖ୍ୟାଟି ହସ୍ତଗତ ହୋଇଛି। ଏହି ସଂଖ୍ୟାଟିକୁ ମୂଳରୁ ଶେଷଯାଏଁ ପଢ଼ିଲି। ଏଥରର 'ଯୁଗଶ୍ରୀ ଯୁଗନାରୀ' ପତ୍ରିକାର ପ୍ରଚ୍ଛଦପଟରେ ସ୍ଥାନ ପାଇଛନ୍ତି, ବିଶିଷ୍ଟ ସମାଜସେବୀ ଶ୍ରୀମତୀ ପ୍ରମିଳା ପତି। ମାନବିକତା ଓ ସେବାର ପ୍ରତିମୂର୍ତ୍ତି ତଥା ପ୍ରେରଣାଦାୟିନୀ, ସମାଜସେବୀ ଶ୍ରୀମତୀ ପ୍ରମିଳା ପତିଙ୍କୁ ବିଶିଷ୍ଟ ଲେଖିକା ଶ୍ରୀମତୀ ସବିତାରାଣୀ ବେହେରା ସାକ୍ଷାତ୍ କରିଛନ୍ତି। ଏହି ସାକ୍ଷାତ୍‌କାରରୁ ଜଣାପଡୁଛି ଯେ ନିଜର ପ୍ରତିଭା ବଳରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଚ୍ଚ ପଦବୀଗୁଡ଼ିକରେ ଅବସ୍ଥାପିତ ହୋଇ ନିଜକୁ ଜନୈକା ମହିୟସୀ ସମାଜସେବୀ ନାରୀ ଭାବରେ ପ୍ରମାଣ କରିପାରିଛନ୍ତି ସେ। ପୁରୁଷ-ପ୍ରଧାନ ସମାଜରେ ଶ୍ରୀମତୀ ପତି ନିଜର ଉଚ୍ଚ ବ୍ୟକ୍ତିତ୍ୱର ଯେଉଁ ଉଦାହରଣ ସ୍ଥାପନ କରିଛନ୍ତି ସେଥିରୁ ପ୍ରତିଟି ନାରୀ ଅନୁପ୍ରେରଣା ଗ୍ରହଣ କରିବା ଉଚିତ।

ସମ୍ପାଦକୀୟ ଲେଖାରେ ଆପଣ ଓଡ଼ିଶା ରାଜ୍ୟ ଓ ତା'ର ଭାଷା ଉପରେ ଯେଉଁ ତଥ୍ୟ ତଥା ମତ ଉପସ୍ଥାପନ କରିଛନ୍ତି, ତାହା ପ୍ରତ୍ୟେକ ଓଡ଼ିଆଙ୍କର ଆଜିର ଅନୁଚିନ୍ତା ଓ କାମନା ହେଉ। ଆପଣଙ୍କର ଏଇ ସମ୍ପାଦକୀୟ ଲେଖା ପାଇଁ ଆପଣଙ୍କୁ ଧନ୍ୟବାଦ।

ଏଇ ସଂଖ୍ୟାରେ ବିଭିନ୍ନ ସ୍ତମ୍ଭରେ ସନ୍ନିବେଶିତ ଲେଖାଗୁଡ଼ିକ ଖୁବ୍ ରୁଚିକର, ପଠନୀୟ, ଶିକ୍ଷଣୀୟ ହୋଇପାରିଛି। ଏଇ ସଂଖ୍ୟାଟି ସମସ୍ତଙ୍କ ପକ୍ଷେ ସଂଗ୍ରହଣୀୟ।

ଏହାଛଡ଼ା 'ଯୁଗଶ୍ରୀ ଯୁଗନାରୀ' ସଂଖ୍ୟା ଉପରେ ମୋର ମତାମତ ସ୍ଥାନିତ ହୋଇଥିବାରୁ ମୁଁ ଆପଣଙ୍କୁ ଅଜସ୍ର କୃତଜ୍ଞତା ଜ୍ଞାପନ କରୁଛି।

ଶେଷରେ ମାସିକ ମହିଳା ପତ୍ରିକା 'ଯୁଗଶ୍ରୀ ଯୁଗନାରୀ' ଓ ଆପଣଙ୍କର ଦୀର୍ଘଜୀବନ ଓ ଉତ୍ତରୋତ୍ତର ଉନ୍ନତି କାମନା କରି ରହିଲି।

ଆପଣଙ୍କ ଗୁଣମୁଗ୍ଧ<br>
ଜନ୍ମେଜୟ ବାବୁ<br>
ପଟ୍ଟନାୟକପଡ଼ା, ସମ୍ବଲପୁର -୦୧